# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 10 August – 2026

************************************

## ମୁଖ୍ୟ ସମ୍ବାଦ

- ସଂସଦର ଅନୁମୋଦନ ଲାଭ କଲା ଟିକସ ଧାର୍ଯ୍ୟ ଓ ଅନ୍ୟାନ୍ୟ ଆଇନ ସଂଶୋଧନ ବିଲ୍

- ଲୋକଙ୍କ ସମସ୍ୟାର ସମୟବଦ୍ଧ ସମାଧାନ କରିବା ସରକାରୀ କର୍ମଚାରୀଙ୍କ ନୈତିକ କର୍ତ୍ତବ୍ୟ; କହିଲେ ମୁଖ୍ୟମନ୍ତ୍ରୀ

– ୧ ହଜାର ୩୨୬ ଜଣ ପ୍ରାର୍ଥୀଙ୍କୁ ପ୍ରଦାନ କଲେ ନିଯୁକ୍ତିପତ୍ର

- ରାଜ୍ୟର ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ଗତ ତିନିବର୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧ ହଜାର ୮୨୯ କୋଟି ଟଙ୍କାର ଆର୍ଥିକ ସହାୟତା

ଏବଂ

- ଉତ୍ତର–ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି; ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି

English Pool

# ଟ୍ୟାକ୍ସେସନ୍ ବିଲ୍

ଟିକସ ଧାର୍ଯ୍ୟ ଏବଂ ଅନ୍ୟାନ୍ୟ ଆଇନ୍ ସଂଶୋଧନ ବିଲ୍ ୨୦୨୬ ଆଜି ରାଜ୍ୟସଭାରେ ପାରିତ ହେବା ପରେ ସଂସଦର ଅନୁମୋଦନ ଲାଭ କରିଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆଗତ ଏହି ବିଲ୍ ପୂର୍ବରୁ ଲୋକସଭାରେ ପାରିତ ହୋଇସାରିଛି । ଦେୟ ଏବଂ ସମାଧାନ ବ୍ୟବସ୍ଥା ଆଇନ୍ ୨୦୦୭ ଆୟକର ଆଇନ୍ ୨୦୨୫ ଏବଂ ଅର୍ଥ ଆଇନ୍ ୨୦୨୬ରେ ସଂଶୋଧନ କରିବା ହେଉଛି ଏହି ବିଲ୍‌ର ଉଦ୍ଦେଶ୍ୟ ।

ଏହି ବିଲ୍ ଉପରେ ଚାଲିଥିବା ଆଲୋଚନାର ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଭାରତର ବିନିର୍ମାଣ ଇକୋସିଷ୍ଟମ୍‌କୁ ଅଧିକ ସଶକ୍ତ କରିବା, ଅଧିକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ବିନିର୍ମାଣ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ହେଉଛି ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଏତଦ୍‌ବ୍ୟତୀତ ଦେଶର ଆର୍ଥିକ କ୍ଷେତ୍ରରେ ଏକ ପ୍ରମୁଖ ସଂସ୍କାର ମୂଳକ ପଦକ୍ଷେପ ସ୍ୱରୂପ ଭାରତର ନିର୍ଦ୍ଦିଷ୍ଟ ଡାଟା କେନ୍ଦ୍ରରୁ ଡାଟା ସେବା ଉପଲବ୍ଧ କରୁଥିବା ବିଦେଶୀ କମ୍ପାନୀଗୁଡ଼ିକୁ ଟିକସ ରିହାତି ମଧ୍ୟ ଏହି ବିଲ୍ ମାଧ୍ୟମରେ ପ୍ରଦାନ କରାଯାଇପାରିବ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି।

BBSR/R

# ନିଯୁକ୍ତି ମେଳା

ସାଧାରଣ ଲୋକଟି ନିଜର ସମସ୍ୟା ନେଇ ଆସିଲେ ସମ୍ମାନର ସହ ତାଙ୍କ କଥା ଶୁଣି ସମାଧାନ ପାଇଁ ଉଦ୍ୟମ କରିବାକୁ ନବନିଯୁକ୍ତ ସରକାରୀ

କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱର ରେଳ ପ୍ରେକ୍ଷାଳୟରେ ଆୟୋଜିତ ନିଯୁକ୍ତି ମେଳାରେ ଶ୍ରୀ ମାଝୀ ୯ଟି ବିଭାଗରେ ୧ ହଜାର ୩୨୬ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରୀ ସେବାରେ ସଫଳତା ପଦବୀ ଦ୍ୱାରା ମପାଯାଏ ନାହିଁ ବରଂ ନାଗରିକଙ୍କ ଜୀବନରେ ଆଣିଥିବା ପରିବର୍ତ୍ତନରେ ମପା ଯାଇଥାଏ। ସରକାରୀ ଚାକିରୀର ମୂଳଲକ୍ଷ୍ୟ ହେଉଛ ଜନସେବା। ଲୋକଙ୍କ ସମସ୍ୟା ଓ ଅଭିଯୋଗର ସମୟବଦ୍ଧ ସମାଧାନ କରିବା ସରକାରୀ କର୍ମଚାରୀଙ୍କର ନୈତିକ କର୍ତ୍ତବ୍ୟ। ସମାଜର ଶେଷଧାଡ଼ିରେ ଥିବା ଲୋକଙ୍କ ପାଖରେ ସରକାରୀ ସୁବିଧା ପହଁଞ୍ଚାଇବା ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ଗତ ୨୦୨୪ ମସିହା ଜୁନ୍ ମାସରୁ ଆଜି ସୁଦ୍ଧା ୪୫ ହଜାର ୪୦୮ ଜଣଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି। ଗତ ଦୁଇ ବର୍ଷ ମଧ୍ୟରେ ପ୍ରାୟ ୨୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବା ସହ ୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O –**

I&PR

## ଲାଭାଂଶ ଅର୍ଥ ପ୍ରଦାନ

ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ସରକାରଙ୍କୁ ଲାଭାଂଶ ଅର୍ଥ ପ୍ରଦାନ କରାଯାଇଛି। ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କୁ ବିଭାଗର ଶାସନ ସଚିବ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ

୨ କୋଟି ୮୮ ଲକ୍ଷ ୩୭ ହଜାର ୯୧୩ ଟଙ୍କା ଲାଭାଂଶ ପ୍ରଦାନ କରିଛନ୍ତି।  ସୂଚନାଯୋଗ୍ୟ, ରାଜ୍ୟର ୩୦ଟି ଜିଲ୍ଲାର ୬୮ଟି ଗୋଦାମ ରହିଛି। ଏହାର ଭଣ୍ଡାରଣ କ୍ଷମତାର ସୁବିନିଯୋଗ ଯୋଗୁଁ ନିଗମ କ୍ରମାଗତ ଭାବେ ଲାଭାନ୍ୱିତ ହୋଇଛି। ଏହାର ଦୁଇ ଅଂଶୀଦାର ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ଭଣ୍ଡାରଣ ନିଗମକୁ ନିୟମିତ ଭାବେ ଲାଭାଂଶ ପ୍ରଦାନ କରୁଛି।

I&PR

## ଆନ୍ତଃ ମନ୍ତ୍ରିସ୍ତରୀୟ ବୈଠକ

ରାଜ୍ୟର କୌଣସି ବି ଚାଷୀ ଧାନ ବିକ୍ରିରୁ ବଞ୍ଚିତ ନ ହେବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଭୁବନେଶ୍ୱରଠାରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ସିଂହଦେଓ କହିଛନ୍ତି, ବର୍ତ୍ତମାନ ପାଇଁ ଚାଷୀଙ୍କ ନିମନ୍ତେ ଏଗ୍ରିଷ୍ଟାକ୍ ପଞ୍ଜୀକରଣ ବାଧ୍ୟତାମୂଳକ ନୁହେଁ। ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ଜାରି ରହିଛି। ସେହିପରି ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତି ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି। ଚାଷୀମାନେ ନିକଟସ୍ଥ ପାକ୍ସ, କମନ୍ ସର୍ଭିସ ସେଣ୍ଟର ଓ ସହାୟକ ମୋଡ୍‌ରେ ପଞ୍ଜୀକରଣ କରିପାରିବେ। ପ୍ରାୟ ୬ ଲକ୍ଷ ଚାଷୀ ଏଗ୍ରିଷ୍ଟାକ ଅଧୀନରେ ନିଜକୁ ପଞ୍ଜୀକୃତ କରିସାରିଛନ୍ତି। ରବିଋତୁରେ ଆଜି ସୁଦ୍ଧା ୩ ଲକ୍ଷ ୬୩ ହଜାର ୧୪୯ ଜଣ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍‌ପୁଟ୍ ସହାୟତା ବାବଦରେ ୪ ହଜାର ୮୮୪ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

Desk

## ବରିଷ୍ଠ ଆଇପିଏସ୍ ଅଧିକାରୀ ପଦୋନ୍ନତି

ରାଜ୍ୟ ସରକାର ଦୁଇ ଜଣ ବରିଷ୍ଠ ଆଇ.ପି.ଏସ୍. ଅଧିକାରୀ ସଞ୍ଜୀବ ପଣ୍ଡା ଏବଂ ଯଶୋବନ୍ତ ଜେଠଓ୍ୱାଙ୍କୁ ପୁଲିସ ମହାନିର୍ଦ୍ଦେଶକ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ପଦୋନ୍ନତି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି।

Desk

## ଜଳାଶୟ ପୁନରୁଦ୍ଧାର

ରାଜ୍ୟର ବିଭିନ୍ନ ଜଳାଶୟ ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ଗତ ତିନି ବର୍ଷରେ ଓଡ଼ିଶାକୁ ୧ ହଜାର ୮୨୯ କୋଟି ୫୬ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେଇଛନ୍ତି ବୋଲି ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଜଳଶକ୍ତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରାଜଭୂଷଣ ଚୌଧୁରୀ ସୂଚନା ଦେଇଛନ୍ତି। ଫସଲ ପାଇଁ ଜଳଯୋଗାଣ ବ୍ୟବସ୍ଥାକୁ ଉନ୍ନତ କରିବା ସହିତ ଜଳ ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ଏହି ଅର୍ଥରାଶି ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ୩ ବର୍ଷରେ ରାଜ୍ୟକୁ ୧୬୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ୪୩୩ଟି ଗଡ଼ିଆ, ପୋଖରୀ ସମେତ ଅନ୍ୟାନ୍ୟ ଜଳଉତ୍ସର ପୁନରୁଦ୍ଧାର କରାଯାଇଛି।

BBSR/R

## ବୈଧ କାଗଜପତ୍ର

ରାଜ୍ୟରେ ଚଳାଚଳ କରୁଥିବା ବହୁ ସଂଖ୍ୟକ ଯାନବାହନର ବୈଧ ବୀମା ନ ଥିବା ପ୍ରସଙ୍ଗରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କଡ଼ାକଡ଼ି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଟୋଲଗେଟ୍ ଦେଇ ଯାତାୟାତ କରୁଥିବା ଯାନବାହନର ବୈଧ ବୀମା, ଫିଟନେସ୍, ପ୍ରଦୂଷଣ ପ୍ରମାଣପତ୍ର ଆଦି କାଗଜପତ୍ର ସ୍ୱୟଂକ୍ରିୟ ପଦ୍ଧତିରେ ଯାଞ୍ଚ କରାଯିବ। ଯେଉଁଗାଡ଼ିଗୁଡ଼ିକର ବୈଧ କାଗଜପତ୍ର ନଥିବ ସେଗୁଡ଼ିକ ବିରୁଦ୍ଧରେ ତୁରନ୍ତ ଇ-ଚାଲାଣ ଜାରି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

Kalahandi/Nayagada

## ହର୍ ଘର୍ ତିରଙ୍ଗା

ନୂଆଦିଲ୍ଲୀସ୍ଥିତ ଲାଲକିଲ୍ଲାରେ ଆସନ୍ତା ସ୍ୱାଧୀନତା ଦିବସରେ 'ବନ୍ଦେ ମାତରମ୍' ଗାନ କରାଯିବ। 'ବନ୍ଦେ ମାତରମ୍'ର ୧୫୦ ତମ ବର୍ଷ ପୂର୍ତ୍ତି ଅବସରରେ ଜାତୀୟ ପତାକା ଉତ୍ତୋଳନ ବେଳେ 'ବନ୍ଦେ ମାତରମ୍' ଗାନ କରାଯିବା ନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ସୂଚନା ଜାରି କରାଯାଇଛି।

ରାଜ୍ୟର ବିଭିନ୍ନ ସ୍ଥାନରେ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ନୟାଗଡ଼ ଜିଲ୍ଲା କଣ୍ଟିଲୋଠାରେ ଆଜି ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣ ଦେଶପ୍ରେମ, ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ନେଇ ବଜାର ପରିକ୍ରମା କରିଥିଲେ।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଓ ବଲାଙ୍ଗୀରଠାରେ ଏହି ଅଭିଯାନକୁ ସଫଳ କରିବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବ୍ଲକ, ସଦର ମହକୁମା ଓ ପଞ୍ଚାୟତସ୍ତରରେ ବିଭିନ୍ନ ଶୋଭାଯାତ୍ରା, ଗଣଦୌଡ଼, ଚିତ୍ରାଙ୍କନ ପ୍ରଦର୍ଶନୀ ଆଦିର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି।

Desk

## ପାରାଦ୍ୱୀପ ବନ୍ଦର– ବୈଠକ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି ଓଡ଼ିଶା କ୍ଷେତ୍ର ପକ୍ଷରୁ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ନୀତିର ପ୍ରଚାର ପ୍ରସାର, ସଚେତନତା ସୃଷ୍ଟି ଆଦି ଉପରେ ଆଲୋଚନା ହୋଇଛି। ପାରାଦ୍ୱୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ୍. ହରନାଧ କହିଛନ୍ତି, ପାରାଦ୍ୱୀପ ସାମୁଦ୍ରିକ କାର୍ଯ୍ୟକଳାପରେ ଦେଶର ଅନ୍ୟତମ ମୁଖ୍ୟ କେନ୍ଦ୍ରଭାବେ ଉଭା ହେଉଛି। ଏହି ଅବସରରେ ସେ ଗଞ୍ଜାମ ଜିଲ୍ଲାର ବାହୁଦା ବନ୍ଦର ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ପତ୍ର ସୂଚନା କାର୍ଯ୍ୟାଳୟ ଏବଂ କେନ୍ଦ୍ରୀୟ ଜନସଂଚାର ବ୍ୟୁରୋର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

Nayagada/Debagada/Ganjam

# କୃମିନାଶକ ଦିବସ

ଜାତୀୟ କୃମିନାଶକ ଦିବସର ରାଜ୍ୟସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱର ୟୁନିଟ୍-୧ ସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯିବା ସହିତ ଏହାର ସଂକ୍ରମଣ ପ୍ରତିରୋଧ, ବ୍ୟକ୍ତିଗତ ସ୍ୱଚ୍ଛତା ଓ ପୋଷଣ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା।

ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକ ଅନ୍ତର୍ଗତ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ କୃମିନାଶକ ଦିବସ ପାଳନ ସହ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କୃମି ସଂକ୍ରମଣର କାରଣ, ଏହାର ପ୍ରତିରୋଧ ଏବଂ ନିୟମିତ ଔଷଧ ସେବନର ଆବଶ୍ୟକତା ସମ୍ପର୍କରେ ସଚେତନ କରାଇଥିଲେ।

ଦେବଗଡ଼ ଏକଲବ୍ୟ ଆବାସିକ ବିଦ୍ୟାଳୟଠାରେ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗଦେଇ କୃମି ସଂକ୍ରମଣ ଯୋଗୁଁ ଶିଶୁମାନଙ୍କଠାରେ ଦେଖା ଦେଇଥିବା ରକ୍ତହୀନତା, ଓଜନ ହ୍ରାସ ଭଳି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିୟମିତ ଔଷଧ ଖାଇବା ଜରୁରୀ ବୋଲି ପରାମର୍ଶ ଦେଇଛନ୍ତି।

ନୟାଗଡ଼ ଏନ୍.ଏ.ସି. ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ୩ ଲକ୍ଷ ୬୭୮ ଜଣ ଶିଶୁ ଓ କିଶୋର କିଶୋରୀଙ୍କୁ କୃମିନାଶକ ବଟିକା ପ୍ରଦାନ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

Desk

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୭ ଦଶମିକ ୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ଆସନ୍ତା ଦୁଇଦିନ ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏ ସମ୍ପର୍କରେ ଡକ୍ଟର ମହାନ୍ତି କହିଛନ୍ତି...

**- V/O -**